# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 19th January – 2026

**********************************

## ମୁଖ୍ୟ ସମ୍ବାଦ

- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀରେ ତାଙ୍କ ଜନ୍ମସ୍ଥାନ ସମଲେଇପଦରକୁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ସାମିଲ୍ ପାଇଁ ରାଜ୍ୟ ସରକାରଙ୍କ ଘୋଷଣା ।

- ରାଜ୍ୟର ବିଭିନ୍ନ ଖଣିଅଞ୍ଚଳର ହେବ କଡ଼ାକଡ଼ି ଯାଞ୍ଚ ।

- ବି.ଜେ.ପି.ର ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦପାଇଁ ନାମାଙ୍କନ ଦାଖଲ କଲେ ନୀତିନ ନବୀନ; ଆସନ୍ତାକାଲି ବିଧିବଦ୍ଧ ଘୋଷଣା ।

ଏବଂ

- ଚିଲିକାରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଡଲ୍‌ଫିନ୍ ଗଣନା ।

— ଭିତରକନିକାରେ କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି

*Baragarh/R*

# ପାର୍ବତୀ ଗିରି ଜୟନ୍ତୀ

ଓଡ଼ିଶାର ବହ୍ନିକନ୍ୟା, ସେବା ଓ ତ୍ୟାଗର ଅନନ୍ୟ ପ୍ରତୀକ  ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ ଆଜି ଦେଶବ୍ୟାପୀ ପାଳନ କରାଯାଉଛି। ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ଆଜି ବରଗଡ଼ ଜିଲ୍ଲା ବିଜେପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇଥିଲେ । ଏହି ଅବସରରେ ଶ୍ରୀ ସୂରଜ ବରଗଡ଼-ବିଜେପୁର-ଦୁବାଲ୍‌ବାହାଲ ରାସ୍ତାକୁ ପାର୍ବତୀ ଗିରି ମାର୍ଗ ଭାବେ ନାମକରଣ କରାଯିବା ସହ ସେ ଜନ୍ମ ହୋଇଥିବା ସମଲେଇପଦର ଗ୍ରାମକୁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ସାମିଲ୍ ପାଇଁ ଘୋଷଣା କରିଛନ୍ତି ।

***Voice (Suraj)*** :.........

ଏ ସମ୍ପର୍କରେ ଶୁଣନ୍ତୁ ଏକ ସ୍ୱତନ୍ତ୍ର ଉପସ୍ଥାପନା :

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାର୍ବତୀ ଗିରିଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇ କହିଛନ୍ତି, ଔପନିବେଶକ ଶାସନର ଅନ୍ତ ଘଟାଇବା ଲାଗି ଶ୍ରୀମତୀ ଗିରି ସ୍ୱାଧୀନତା ସଂଗ୍ରାମରେ ପ୍ରଶଂସନୀୟ ଭୂମିକା ଗ୍ରହଣ କରିଥିଲେ। ଜନସେବା ପ୍ରତି ତାଙ୍କର ଆଗ୍ରହ ଏବଂ ସ୍ୱାସ୍ଥ୍ୟସେବା, ମହିଳା ସଶକ୍ତୀକରଣ ଓ ସଂସ୍କୃତି କ୍ଷେତ୍ରରେ ତାଙ୍କର କାର୍ଯ୍ୟ ଉଲ୍ଲେଖନୀୟ ଥିଲା ବୋଲି ଶ୍ରୀ ମୋଦୀ କହିଛନ୍ତି।

ପାର୍ବତୀ ଗିରି ଗରିବ, ମହିଳା, ଅନାଥ ଓ ସମାଜର ଅବହେଳିତ ବର୍ଗର ଉନ୍ନତିପାଇଁ ନିଜର ସମଗ୍ର ଜୀବନ ଉତ୍ସର୍ଗ କରିଥିଲେ । ମାତ୍ର ୧୬ ବର୍ଷ ବୟସରେ ସେ ମହାତ୍ମାଗାନ୍ଧିଙ୍କ ଅହିଂସା ନୀତି ଏବଂ ଖଦୀ ଆଦର୍ଶରେ ଅନୁପ୍ରାଣିତ ହୋଇ ବ୍ରିଟିଶ୍ ଶାସନ ବିରୋଧରେ ସ୍ୱାଧୀନତା ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏଥିପାଇଁ ତାଙ୍କୁ ବାରମ୍ବାର ଜେଲ୍ ଯିବାକୁ ମଧ୍ୟ ପଡ଼ିଥିଲା । ଦେଶ ସ୍ୱାଧୀନ ହେବା ପରେ ସେ ବରଗଡ଼ ଜିଲ୍ଲା ନୃସିଂହନାଥଠାରେ କସ୍ତୁରବା ଗାନ୍ଧି ମାତୃ ନିକେତନ ଏବଂ ସମ୍ବଲପୁର ଜିଲ୍ଲାରେ ବାଲ୍ ନିକେତନ ଭଳି ଅନେକ ଆଶ୍ରମ ପ୍ରତିଷ୍ଠା କରି ନିଃସ୍ୱାର୍ଥପର ସମାଜସେବା ଜାରି ରଖିଥିଲେ । ସମାଜରେ ଅସ୍ପୃଶ୍ୟ ଭାବେ ଗ୍ରହଣ କରାଯାଇଥିବା କୁଷ୍ଠରୋଗୀଙ୍କ ସେବା କରିବା ସହ ସ୍ୱାସ୍ଥ୍ୟ ଓ ପରିମଳ ପ୍ରତି ସଚେତନତା ଏବଂ ଗ୍ରାମୀଣ ବିକାଶପାଇଁ ନିରନ୍ତର ଭାବେ କାର୍ଯ୍ୟ କରିଥିଲେ । ଏ ସମ୍ପର୍କରେ ତାଙ୍କ ନାତି ନିର୍ମଳ ଗିରି କୁହନ୍ତି :

***Voice** :.........*

ଦେଶ ପ୍ରତି ପାର୍ବତୀ ଗିରିଙ୍କ ସେବା, ସମର୍ପଣ ଭାବ ତଥା ଗରିବ, ଅବହେଳିତ ଏବଂ ନିଷ୍ପେଷିତଙ୍କ ପାଇଁ କରିଥିବା କାର୍ଯ୍ୟପାଇଁ ସେ ସର୍ବଦା ସ୍ମରଣୀୟ ହୋଇରହିବେ ।

**ଆକାଶବାଣୀ କଟକ ଆଞ୍ଚଳିକ ସମ୍ବାଦ ବିଭାଗପାଇଁ ମୁଁ ସ୍ମୃତିରେଖା ତାରେଣିଆ ।**

*HS*

## ଖଣି ଯାଞ୍ଚ୍

ରାଜ୍ୟର ବିଭିନ୍ନ ଖଣି ଅଞ୍ଚଳରେ କଡ଼ାକଡ଼ି ଯାଞ୍ଚ କରାଯିବ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ କହିଛନ୍ତି । ପରିବେଶ ପ୍ରଦୂଷଣ ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ସରକାର ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହି ଯାଞ୍ଚ୍ ପାଇଁ ୫ ଜଣିଆ ଟିମ୍ ଗଠନ କରାଯାଇଛି । ପ୍ରଦୂଷଣ ଯାଞ୍ଚ୍ କରିବା ସହ ରାସ୍ତାକଡ଼ରେ ପାର୍କିଂ କରାଯାଉଥିବା ଟ୍ରକ୍ ଏବଂ ଖଣିଗୁଡ଼ିକୁ ସଂଲଗ୍ନ କରୁଥିବା ରାସ୍ତାର ମଧ୍ୟ କଡ଼ାକଡ଼ି ଯାଞ୍ଚ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି ।

*Desk*

## ବି.ଜେ.ପି. ରାଷ୍ଟ୍ରୀୟ ଅଧ୍ୟକ୍ଷ

ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦ ପାଇଁ ବିଜେପିର କାର୍ଯ୍ୟକାରୀ ସଭାପତି ନୀତିନ ନବୀନ ଆଜି ତାଙ୍କର ନାମାଙ୍କନପତ୍ର ଦାଖଲ କରିଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, କେନ୍ଦ୍ରମନ୍ତ୍ରୀ ଜେ.ପି.ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଅନ୍ୟାନ୍ୟ ବହୁ ବରିଷ୍ଠ ନେତାମାନଙ୍କ ଉପସ୍ଥିତିରେ ନାମାଙ୍କନ ପ୍ରକ୍ରିୟା ଶେଷ ହୋଇଛି । ଆସନ୍ତାକାଲି ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ନାମ ବିଧିବଦ୍ଧ ଭାବେ ଘୋଷଣା କରାଯିବ ।

*Desk*

# ଆୟୁଷ୍ମାନ ଭାରତ ଯୋଜନା

ରାଜ୍ୟ ସରକାର ପ୍ରତ୍ୟେକ ନାଗରିକଙ୍କୁ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ଯୋଗାଇଦେବାପାଇଁ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି । ଭୁବନେଶ୍ୱରଠାରେ ଆୟୋଜିତ ଆୟୁଷ୍ମାନ ଭାରତ ଜନଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ଭାରତ ଡିଜିଟାଲ ମିଶନର ଦୁଇଦିନିଆ ଚିନ୍ତନ ଶିବିରରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି, ଶିବିରରେ ଆୟୁଷ୍ମାନ ଭାରତ ଅଧୀନରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ସମ୍ପର୍କରେ ପ୍ରଥମ ଦିନରେ ଆଲୋଚନା କରାଯାଇଛି । ଏହାସହ ଡିଜିଟାଲ୍ ଇଣ୍ଡିଆ ପଦକ୍ଷେପ, କୃତ୍ରିମ ବୁଦ୍ଧିମତ୍ତା ଡାଟା ପରିଚାଳନା ଏବଂ ପ୍ରଯୁକ୍ତିବିଦ୍ୟା ସକ୍ଷମ ସ୍ୱାସ୍ଥ୍ୟସେବା ମାଧ୍ୟମରେ ସ୍ୱଚ୍ଛତା, ଦକ୍ଷତା ଏବଂ ସୁଗମତାର ଉନ୍ନତି ବିଷୟରେ ଆଲୋଚନା କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ରାଜ୍ୟ ସଶକ୍ତ ଓ ସମୃଦ୍ଧ ଓଡ଼ିଶା ଲକ୍ଷ୍ୟ ପୂରଣ ଦିଗରେ ଅଗ୍ରଗତି କରୁଛି । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣକୁ ଆଧୁନିକ ଔଷଧ ସହ ସମନ୍ୱୟ ସ୍ଥାପନ କରିବାପାଇଁ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଅଧୀନରେ ଆୟୁଷ୍ ଚିକିତ୍ସା ପଦ୍ଧତିକୁ ଅନ୍ତର୍ଭୁକ୍ତ କରିବାକୁ ପ୍ରସ୍ତାବ ଦିଆଯାଇଛି । ଏହି ସାମଗ୍ରିକ ଦୃଷ୍ଟିକୋଣ ଆୟୁଷ ଭିତ୍ତିଭୂମିକୁ ମଜବୁତ୍ କରିବା ସହ ତୃଣମୂଳ ସ୍ତରରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ବିସ୍ତାର କରିବ ଏବଂ ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି ।

ଆୟୁଷ୍ମାନ ଭାରତର ସମସ୍ତ ତଥ୍ୟ ଓଡ଼ିଆରେ ଉପଲବ୍ଧ ହେବ। ଯାହାଫଳରେ ସାଧାରଣ ଲୋକଙ୍କୁ ଯୋଜନାର ଲାଭ ଉଠାଇବା ଅଧିକ ସହଜ ହୋଇପାରିବ। ଏହି ଯୋଜନାର ସୁବିଧା ପାଇଁ ତିନୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଶିବିରରେ ଦେଶର ୨୮ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ୧୧୯ ଜଣ ବିଶେଷଜ୍ଞ ପ୍ରତିନିଧିମାନେ ଯୋଗ ଦେଇଛନ୍ତି।

***BBSR/R***

## ରାସ୍ତା ପ୍ରକଳ୍ପ – ସମୀକ୍ଷା

ଭୁବନେଶ୍ୱରଠାରେ ରାଜ୍ୟର ବିଭିନ୍ନ ରାସ୍ତା ପ୍ରକଳ୍ପ ନିର୍ମାଣ ଓ ପ୍ରଶସ୍ତୀକରଣ ସମ୍ପର୍କରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଭୁବନେଶ୍ୱରର ଚାରିପାଖରେ ନିର୍ମାଣ ହେବାକୁ ଥିବା ପ୍ରାୟ ୧୧୧ କିଲୋମିଟର ଦୀର୍ଘ କ୍ୟାପିଟାଲ୍ ରିଜିଅନ୍ ରିଙ୍ଗ୍ ରୋଡ୍ ନିର୍ମାଣ, ଜଙ୍ଗଲ ଓ ପରିବେଶ ବିଭାଗର ଅନୁମୋଦନ ଏବଂ ଜମି ଅଧିଗ୍ରହଣ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଅନ୍ୟପକ୍ଷରେ କଟକ ସହରର ଭିଡ଼ ନିୟନ୍ତ୍ରଣ ଏବଂ ଭୁବନେଶ୍ୱରରୁ ଜଗତ୍‌ସିଂହପୁର ଓ ପାରାଦ୍ୱୀପକୁ ରାସ୍ତା ନିର୍ମାଣ ପାଇଁ ଆଲୋଚନା କରାଯାଇଛି । ପ୍ରତାପନଗରୀ ଧାକୁଲେଇ ପୀଠ ନିକଟରୁ

କନ୍ଦରପୁର ପର୍ଯ୍ୟନ୍ତ ଏକ ନୂଆ ଗ୍ରୀନ୍‌ଫିଲ୍ଡ ରୋଡ୍ ନିର୍ମାଣପାଇଁ ନକ୍ସା ଏବଂ ଡି.ପି.ଆର୍. ପ୍ରସ୍ତୁତ ପାଇଁ ଶ୍ରୀ ସିଂହ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ବୈଠକରେ ୨୦୬ କିଲୋମିଟର ଦୀର୍ଘ କୋରାପୁଟ-ମୋହନା ରାସ୍ତାର ପ୍ରଶସ୍ତୀକରଣ, ଖୋର୍ଦ୍ଧା-ନୟାଗଡ଼ ରାସ୍ତାର ଉନ୍ନତୀକରଣ ଏବଂ ପ୍ରଶସ୍ତୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାପାଇଁ ଶ୍ରୀ ସିଂହ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

***BBSR/R***

# ମତ୍ସ୍ୟ-ପ୍ରାଣୀ ସମାବେଶ

ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୬ ଆୟୋଜନ ପରିପ୍ରେକ୍ଷୀରେ ଆଜି ଭୁବନେଶ୍ୱରଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କହିଛନ୍ତି, ମତ୍ସ୍ୟ ଓ ପ୍ରାଣୀ ପାଳକଙ୍କ ପାଇଁ ଏହି ସମାବେଶ ସଚେତନତା ଓ ସମୃଦ୍ଧିର ମହାକୁମ୍ଭ ସାଜିବ । ଦୁଗ୍ଧ, ମାଂସ, ଅଣ୍ଡା ଓ ମାଛ ଉତ୍ପାଦନରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବାପାଇଁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀ ମଲ୍ଲିକ କହିଛନ୍ତି ।

ଆସନ୍ତା ବୁଧବାରରୁ ଶୁକ୍ରବାର ପର୍ଯ୍ୟନ୍ତ ଜନତା ମଇଦାନଠାରେ ଏହି ସମାବେଶ ଆୟୋଜିତ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନୀ ଉତ୍ସବରେ ଓ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟପାଳ ଡକ୍ଟର ହରିବାବୁ

କମ୍ପମ୍ପାଟି ଯୋଗଦେବେ । ଚଳିତବର୍ଷର ବିଷୟବସ୍ତୁ ରହିଛି 'ମତ୍ସ୍ୟ-ପ୍ରାଣୀ ଏବେ ନୂତନ ଦିଶା, ବିକଶିତ ହେବ ଆମ ଓଡ଼ିଶା' । ସମାବେଶରେ ୮ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେବେ । ଏହାସହ ବିଭାଗ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଶ୍ରେଷ୍ଠ ଅଧିକାରୀଙ୍କୁ ମଧ୍ୟ ପୁରସ୍କୃତ କରାଯିବ । ସମାବେଶରେ ୨୦୮ଟି ଷ୍ଟଲ୍‌ରେ ମତ୍ସ୍ୟ, ପ୍ରାଣୀପାଳନ, ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ, ବେସରକାରୀ ଅନୁଷ୍ଠାନର ବିକାଶମୂଳକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯିବ । ପ୍ରତି ସନ୍ଧ୍ୟାରେ ଲୋକନୃତ୍ୟ ଓ ଶାସ୍ତ୍ରୀୟନୃତ୍ୟ ସମ୍ବଳିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ।

*Desk*

## ଡଲ୍‌ଫିନ୍ ଗଣନା

ଚିଲିକାରେ ଆସନ୍ତାକାଲିଠାରୁ ତିନିଦିନ ପର୍ଯ୍ୟନ୍ତ ଡଲଫିନ୍ ଗଣନା କରାଯିବ। ଗଣନା ପାଇଁ ୧୮ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଏଥିରେ ଜଣେ ବିଶେଷଜ୍ଞଙ୍କ ସହିତ ୩ରୁ ୫ ଜଣ ଗଣନାକାରୀ ରହିବେ। ଚିଲିକା ସଂଲଗ୍ନ ବାଲୁଗାଁ ଓ ସାତପଡ଼ାରେ ଡଲଫିନ୍ ଗଣନା କରାଯିବ। ଏଥିପାଇଁ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଡଙ୍ଗା ଚଳାଚଳକୁ ନିଷେଧ କରାଯାଇଛି।

କେନ୍ଦ୍ରାପଡ଼ା ଜିଲ୍ଲା ଭିତରକନିକାରେ କୁମ୍ଭୀରଙ୍କ ସଂଖ୍ୟା ବୃଦ୍ଧି ପାଇ ୧ ହଜାର ୮୫୮ରେ ପହଞ୍ଚିଛି ବୋଲି ରାଜନଗର ବନଖଣ୍ଡ ଅଧିକାରୀ କହିଛନ୍ତି ।

ନନ୍ଦନକାନନ ଜାତୀୟ ଉଦ୍ୟାନରେ ଜଳପକ୍ଷୀ ଗଣନା ଶେଷ ହୋଇଛି । ୭୨ ପ୍ରଜାତିର ମୋଟ୍ ୨ ହଜାର ୭୨୭ଟି ଜଳପକ୍ଷୀ ଥିବା ଜଣାପଡ଼ିଛି । ଶୀତକାଳୀନ ଜଳପକ୍ଷୀ ଗଣନାପାଇଁ ୫୫ ଜଣ ପକ୍ଷୀ ବିଶେଷଜ୍ଞ, ଛାତ୍ର ଓ ଅଧିକାରୀଙ୍କୁ ନେଇ ୯ଟି ସର୍ଭେଦଳ ଗଠନ କରାଯାଇଥିଲା ।

***Boudh/R***

## ଗଡ଼ଜାତ ମହୋତ୍ସବ

ବୌଦ୍ଧ ଜିଲ୍ଲା ବୀରନରସିଂହପୁରଠାରେ ନବମ ଗଡ଼ଜାତ ଲୋକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲ୍ଲାପାଳ ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ଶୋଭାଯାତ୍ରାକୁ ଶୁଭାରମ୍ଭ କରିଥିଲେ ।

***Nayagarh/R***

## ବାର୍ଷିକୋତ୍ସବ

ନୟାଗଡ଼ ଜିଲ୍ଲା ଦଶପଲ୍ଲା ବୃନ୍ଦାବନ ସୁବୁଦ୍ଧି ମହାବିଦ୍ୟାଳୟର ୪୯ତମ ବାର୍ଷିକ ଉତ୍ସବକୁ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ ।

ଛାତ୍ରଛାତ୍ରୀ ନିଜ ଜୀବନର ଲକ୍ଷ୍ୟ ହାସଲ କରିବାପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିବ ବୋଲି ଶ୍ରୀ ପାଣିଗ୍ରାହୀ କହିଛନ୍ତି । ଛାତ୍ରଛାତ୍ରୀମାନଙ୍କଦ୍ୱାରା ବିଭିନ୍ନ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

***Deogarh/R***

# ପି.ଏମ୍. ସୂର୍ଯ୍ୟଘର

ଦେବଗଡ଼ ଜିଲ୍ଲା ତିଳେଇବଣି ବ୍ଲକ୍ ପରିସରରେ ଆଜି ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତି ଯୋଜନା ଏକ କିଲୋୱାଟ୍ ସୋଲାର ସିଷ୍ଟମ୍‌କୁ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ ଉଦ୍‌ଘାଟନ କରିଛନ୍ତି । ଏହି ଯୋଜନା ମାଧ୍ୟମରେ ହିତାଧିକାରୀମାନେ ନିଜ ଘରେ ସୋଲାର୍ ପ୍ୟାନେଲ୍ ଲଗାଇ ସୁସ୍ଥ ପରିବେଶ ଗଠନ କରିପାରିବେ ବୋଲି ଶ୍ରୀ ସାହୁ ମତବ୍ୟକ୍ତ କରିଛନ୍ତି ।

***Rayagada, Nayagarh, Bhadrak, Gajapari, Nabarangpur, Deogarh, Kendrapara/R***

# ଜନ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ରାୟଗଡ଼ା, ନୟାଗଡ଼, ଭଦ୍ରକ, ଗଜପତି, ନବରଙ୍ଗପୁର, ଦେବଗଡ଼, କେନ୍ଦ୍ରପଡ଼ାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ

ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତ୍ୱରିତ ସମାଧାନପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

*Ganjam, Rayagada, Sonepur, Bonalgir/R*

# ଏବେ କିଛି ଖବର ସଂକ୍ଷିପ୍ତରେ...

ଗଞ୍ଜାମ ଜିଲ୍ଲାର ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ମାୟାପାଟଣା ଗ୍ରାମରେ ଓଡ଼ିଶା ପାନୀୟ ନିଗମ ଡିପୋ ଓ କାର୍ଯ୍ୟାଳୟକୁ ଆଜି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି ।

ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀଙ୍କ ମନ୍ଦିର ହୁଣ୍ଡିର ଦାନବାକ୍ସରୁ ୧ କୋଟି ୫ ଲକ୍ଷ ୫୨ ହଜାର ଟଙ୍କା ସହ ୩୦ ଗ୍ରାମ୍ ସୁନା ଏବଂ ୧୨ କିଲୋ ୧୫୦ ଗ୍ରାମ ରୁପା ସଂଗ୍ରହ କରାଯାଇଛି ।

ସୁବର୍ଣ୍ଣପୁର ଜିଲ୍ଲା ଗାନ୍ଧିପଡ଼ିଆଠାରେ ୩୭ତମ ସର୍ବଭାରତୀୟ ଲାଲ୍‌ମନି କ୍ରିକେଟ୍ କପ୍ ଉଦ୍‌ଘାଟିତ ହୋଇଯାଇଛି ।

ବଲାଙ୍ଗିର ଲୋକ ମହୋତ୍ସବପାଇଁ ଆଜି ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ବିଜୟାନନ୍ଦ ସେଠୀଙ୍କ ନେତୃତ୍ୱରେ ଏକ ସାଂସ୍କୃତିକ ଶୋଭାଯାତ୍ରାର ଆୟୋଜନ ହୋଇଯାଇଛି ।

******